ହିସାବରେ ୫୦୦ ଲିଟର ଜଳରେ ଗୋଳାଇ ମାଟିରେ ପ୍ରୟୋଗ କଲେ ମଧ ବାଲୁଙ୍ଗା ଦମନ ହୋଇଥାଏ ।

**(୭) ଜଳସେଚନ :**

ମସୁର ଏକ ଅଣଜଳସେଚିତ ଫସଲ ହେଲେ ହେଁ, ଶୀତଦିନିଆ ବର୍ଷା, ହୋଇନଥିଲେ ଲଘୁ ଜଳସେଚନ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ । ଫସଲ ପାଇଁ ଅନ୍ତତଃ ଦୁଇଟି ଜଳସେଚନ ଯଥା – ଫୁଲ ଧରିବା ସମୟରେ ଥରେ ଏବଂ ଫଳ ଗଢ଼ିବା ସମୟରେ ଆଉଥରେ ପ୍ରୟୋଗ କରିବା ଦରକାର ।

**(୮) ଅମଳ :**

ଗଛର ପତ୍ର ଶୁଖି ଫିକା ହଳଦିଆ ପଡ଼ି ଛୁଇଁ ପାଚିଗଲେ ଫସଲକୁ କାଟିଆଣି ଟାଣ ଖରାରେ ଶୁଖାଇ ଦିଅନ୍ତୁ । ମସୁର ଫସଲରୁ ହେକ୍ଟର ପ୍ରତି ହାରାହାରି ୧୫ କ୍ୱିଣ୍ଟାଲ ଅମଳ ମିଳିଥାଏ ।

**(୯) ସାଇତା ପ୍ରଣାଳୀ :**

ମସୁର ମଞ୍ଜିକୁ ଶୁଖାଇ ଆର୍ଦ୍ରତା ଶତକଡ଼ା ୧୨ ଭାଗ ରହିଲେ ପଲିଥିନ୍ ଅଖାରେ ସାଇତି ରଖିବା ଉଚିତ୍ ।

**(୧୦) ନେଟ୍ ଆୟ :**

ମସୁର କ୍ୱିଣ୍ଟାଲ୍ ୫,୨୦୦ ଟଙ୍କା ଦରରେ ବିକିଲେ ୧ ହେକ୍ଟରରୁ (୧୫ କ୍ୱିଣ୍ଟାଲ୍ ହିସାବରେ) ୭୮,୦୦୦ ଟଙ୍କା ମିଳିବ । ଚାଷବାସ ସମସ୍ତ ଖର୍ଚ୍ଚ ପ୍ରାୟ ୩୫,୦୦୦ ଟଙ୍କା ଯାଇ ହେକ୍ଟର ପ୍ରତି ୧୨୦ ରୁ ୧୩୦ ଦିନରେ ୪୩,୦୦୦ ଟଙ୍କା ଲାଭ ମିଳିବ ।

**ଆବଶ୍ୟକ ସୂଚନା :**

୧. ଉନ୍ନତ, ଅଧିକ ଅମଳକ୍ଷମ, ଋତୁନିର୍ଦ୍ଦିଷ୍ଟ, ନିରୋଳା ଓ ରୋଗ ପୋକ ସହଣୀ ବିହନର ବ୍ୟବହାର ।
୨. ପ୍ରତି ୩ ବର୍ଷରେ ନୂତନ ବିହନ ବ୍ୟବହାର ।
୩. ବିହନ ବିଶୋଧନ ଓ ଉପଚାର ।
୪. ଧାଡ଼ି ବୁଣା ଓ ୨-୩ ସପ୍ତାହ ମଧ୍ୟରେ ଘାସ ବଛା ।
୫. ଅନୁମୋଦିତ ସାର ବ୍ୟବହାର ।
୬. ଦରକାର ବେଳେ ଜଳସେଚନ (ଫୁଲ ଧରିବା ସମୟରେ ଏବଂ ଫଳ ବୃଦ୍ଧି ସମୟରେ) ଏବଂ ଶତକଡ଼ା ୨ ଭାଗ ଡ଼ି.ଏ.ପି. ସାର ସିଞ୍ଚନ ।
୭. ଠିକ୍ ସମୟରେ ପୋକ ରୋଗ ଦମନ ।

# ବୈଜ୍ଞାନିକ ପଦ୍ଧତିରେ ମସୁର ଚାଷ




**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା**
**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,**
**ଏବଂ**
**ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ**

**International Center for Agricultural Research in the Dry Areas (ICARDA)**
South Asia & China Regional Program (SACRP)
NASC Complex, Pusa Campus, DPS Marg, New Delhi-110012
Phone : +91(11)25847505; Fax : +91(11)25847503

# ମସୁର

**ଉପକ୍ରମ :**

ରାଜ୍ୟରେ ଚାଷ କରାଯାଉଥିବା ବିଭିନ୍ନ ଡ଼ାଲିଜାତୀୟ ଫସଲ ମଧ୍ୟରୁ ମସୁର ଅନ୍ୟତମ । ମସୁର ମୁଖ୍ୟତଃ ରାଜ୍ୟର ବଲାଙ୍ଗୀର, କଳାହାଣ୍ଡି, କେଉଁଝର, ମୟୁରଭଞ୍ଜ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ରବି ଫସଲ ଭାବେ ମାତ୍ର ୦.୧୨ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଏ ।

ଚାଷ ପ୍ରଣାଳୀ

**(୧) ମୃତ୍ତିକା :**

ଆସାମର ଲଘୁ ଦୋରସା, ଗାଙ୍ଗେୟ, ସମତଳ ଅଞ୍ଚଳର ପଟୁମାଟି, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର କୃଷ୍ଣ କାର୍ପାସ ମୃତ୍ତିକା ଏବଂ ପଶ୍ଚିମବଙ୍ଗର କାଦୁଅ ମାଟି ଆଦି ବହୁବିଧ ମୃତ୍ତିକାରେ ମସୁର ଚାଷ କରାଯାଇଥାଏ । ଏହି ଫସଲ ପାଇଁ ମାଟିର ଅମ୍ଳତା ୪.୫ - ୮.୨ ହେବା ଆବଶ୍ୟକ ।

**(୨) ଜଳବାୟୁ :**

ଭାରତରେ ମସୁର ଶୀତଦିନେ ଅକ୍ଟୋବର ମାସ ଠାରୁ ଏପ୍ରିଲ୍ ମାସ ପର୍ଯ୍ୟନ୍ତ ଚାଷ କରାଯାଏ । ଏହା ସମୁଦ୍ର ପତନ ଠାରୁ ଆରମ୍ଭ କରି ଉତ୍ତର ପଶ୍ଚିମ ଭାରତର ୩୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଚାଷ କରାଯାଇଥାଏ । ମସୁର ଅଧିକ ଥଣ୍ଡା ସହ୍ୟ କରିପାରେ । ଏଣୁ ଏହା ଭାରତର ସମତଳ ଅଞ୍ଚଳ ଓ ହିମାଳୟର ପାଦଦେଶରେ ଚାଷ କରାଯାଏ । ମସୁର ଶୁଷ୍କାଞ୍ଚଳରେ ଭଲ ବଢ଼ିଥାଏ ।

**(୩) ବୁଣିବା ସମୟ :**

ଅକ୍ଟୋବର ୧ ତାରିଖ ଠାରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ମସୁର ବୁଣିବାର ପ୍ରକୃଷ୍ଟ ସମୟ । ମସୁର ଡ଼ିସେମ୍ବର ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ବୁଣାଯାଇପାରେ, କିନ୍ତୁ ବିଳମ୍ବରେ ବୁଣିଲେ ଉତ୍ପାଦନ ହ୍ରାସ ପାଇଥାଏ ।

**(୪) ବୁଣିବା କୌଶଳ :**

ମସୁର ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣାଯାଇଥାଏ । ଏକ ହେକ୍ଟର ପ୍ରତି ୪୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । କିନ୍ତୁ ବିଳମ୍ବରେ ବୁଣିଲେ ଧାଡ଼ିକୁ ଧାଡ଼ି ୨୦ ସେ.ମି. ଓ ଗଛକୁ ଗଛ ୫ ସେ.ମି. ବ୍ୟବଧାନ ରକ୍ଷା କରିବାକୁ ପଡ଼ିଥାଏ । ଏହି କ୍ଷେତ୍ରରେ ହେକ୍ଟର ପିଛା ସର୍ବାଧିକ ୫୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ଧାନ ଅମଳ ପରେ ମାଟି କାଦୁଅ ଥିଲେ ଏବଂ ସମୟ ନଥିଲେ ମସୁରକୁ ଛଟାବୁଣା କରାଯାଇଥାଏ । ପୂର୍ବ ଉତ୍ତର ପ୍ରଦେଶ ଓ ବିହାରରେ ଧାନ କାଟିବା ପୂର୍ବରୁ ମସୁରକୁ ଛଟା ବୁଣା(ପାଇରା) କରାଯାଏ ।

**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା ଅନ୍ତର୍ଭୁକ୍ତ ପରୀକ୍ଷାମୂଳକ ଉନ୍ନତ ମସୁର କିସମ**

| କିସମ | ଅବଧି(ଦିନ) | ଉଦ୍‌ଭବରାଜ୍ୟ | ଅମଳ(କୁଇଣ୍ଟାଲ) | ବିଶେଷ ଗୁଣାବଳୀ |
|---|---|---|---|---|
| ସୁବ୍ରତ | ୧୨୦-୧୨୫ | ପଶ୍ଚିମବଙ୍ଗ | ୧୨-୧୫ | ବଡ଼ ଆକୃତି ମଞ୍ଜି । କଳଙ୍କି ରୋଗ ସହନଶୀଳ । |
| ମୈତ୍ରୀ | ୧୨୦ | ପଶ୍ଚିମବଙ୍ଗ | ୧୫ | ପତ୍ର ଝାଉଁଳା ରୋଗ ନିରୋଧକ । |
| ହଲ୍-୫୭ | ୧୩୦ | ଉତ୍ତର ପ୍ରଦେଶ | ୧୪ | କଳଙ୍କି ରୋଗ ସହନଶୀଳ । ଛୋଟ ଆକୃତି ମଞ୍ଜି । |

**(୫) ସାର ପ୍ରୟୋଗ :**

ବିହନକୁ ରାଇଜୋବିୟମ୍ କଲ୍‌ଚର୍ ଦ୍ୱାରା ଉପଚାର କରି ବୁଣିଲେ ଫସଲର ଯବକ୍ଷାରଜାନ ଆବଶ୍ୟକତା ପୂରଣ ହୋଇଥାଏ । ମସୁର ଫସଲର ପ୍ରାଥମିକ ଅବସ୍ଥାରେ ବୃଦ୍ଧି ହାର କମ୍ ହେଉଥିବାରୁ ହେକ୍ଟର ପିଛା ୧୦ ରୁ ୧୫ କି.ଗ୍ରା. ଜିଙ୍କ ସଲଫେଟ୍ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ । ହେକ୍ଟର ପ୍ରତି ୪୦ ରୁ ୫୦ କି.ଗ୍ରା. ଫସଫରସ୍ ସାରର ପ୍ରୟୋଗ କଲେ ଅମଳ ବୃଦ୍ଧି ହୁଏ । ବିହନ ବୁଣିବା ପୂର୍ବରୁ ମୂଳ ସାର ଭାବରେ ହେକ୍ଟର ପିଛା ୨୦କି.ଗ୍ରା. ଯବକ୍ଷାରଜାନ (୪୩ କି.ଗ୍ରା. ୟୁରିଆ),୪୦ କି.ଗ୍ରା. ଫସ୍‌ଫରସ୍ (୧୦୦ କି.ଗ୍ରା. ଡ଼ି.ଏ.ପି) ଓ ୨୦ କି.ଗ୍ରା. ପଟାସ୍ (୩୩ କି.ଗ୍ରା. ଏମ୍.ଓ.ପି.) ପ୍ରୟୋଗ କଲେ ଭଲ ଫଳ ମିଳିଥାଏ । ଫୁଲ ଓ ଫଳ ଧରିବା ସମୟରେ ଡ଼ି.ଏ.ପି. ୨ ପ୍ରତିଶତ (୨୫୦ ଗ୍ରାମ୍.) ୧୫ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**(୬) ବାଲୁଙ୍ଗା ଦମନ :**

କମ୍ ଉଚ୍ଚତା ବିଶିଷ୍ଟ ମସୁର ଫସଲ ବୁଣିବାର ୨ ମାସ ମଧ୍ୟରେ ଘାସ ଓ ଅନାବନା ଗଛ ସହିତ ପ୍ରତିଯୋଗିତା କରି ବଢ଼ିଥାଏ । ଏଣୁ ବିହନ ବୁଣିବାର ୩୦ ଦିନ ପରେ ଥରେ ଏବଂ ୬୦ ଦିନ ପରେ ଆଉ ଥରେ ଏହିପରି ଦୁଇଥର ଘାସ ବାଛିଲେ ବାଲୁଙ୍ଗା ଦମନ ହୋଇଥାଏ । ବିହନ ବୁଣିବାର ୪୦ ଘଣ୍ଟା ମଧ୍ୟରେ ପ୍ରୋମେଟ୍ରିଇନ୍ ହେକ୍ଟର ପ୍ରତି ୦.୫ କି.ଗ୍ରା. ମୁଖ୍ୟ ଉପାଦାନ